بسم الله الرحمن الرحيم

୨୯ ନଭେମ୍ବର ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ ବୈତୁଲ୍ ଫୁତୁହ୍, ଲଣ୍ଡନ

ହଜରତ ମୁହମ୍ମଦ ସ.ଅଙ୍କର ମହାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବୀଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ୟଜିଦ୍ ବିନ୍ ସାବିତ୍ ଜଣେ ବଦରୀ ସାହାବୀ ଥିଲେ । ତାଙ୍କ ସମ୍ପର୍କ ଅନସାର ଗୋଷ୍ଠୀ ଅନ୍ତର୍ଭୁକ୍ତ ଖଜରଜ୍ ସମ୍ପ୍ରଦାୟର ବନୁ ମାଲିକ୍ ବିନ୍ ନଜ୍ଜାର ସହ ଥିଲା । ଆପଣ ହଜରତ ଜୈଦ୍ ବିନ୍ ସାବିତ୍‌ଙ୍କର ବଡ଼ ଭାଇ ଥିଲେ । ହଜରତ ୟଜିଦ୍ ବିନ୍ ସାବିତ୍ ବଦର ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ ଥିଲେ । ଆପଣ ୧୨ହିଜରୀରେ ହଜରତ ଅବୁବକର ର.ଅଙ୍କ ଖିଲାଫତ୍ ସମୟ କାଳରେ ୟମାମା ଯୁଦ୍ଧରେ ଶହିଦ୍ ହୋଇଥିଲେ ।

ହଜରତ ୟଜିଦ୍ ବିନ୍ ସାବିତ୍ ବର୍ଣ୍ଣନା କରନ୍ତି କି ଏକଦା ମୁଁ ସାହାବାଙ୍କ ମେଳରେ ହଜୁର ସ.ଅ ନିକଟରେ ବସିଥିଲି କି ଆମ ସମ୍ମୁଖରୁ ଏକ ଜନାଯାଃ ଅତିକ୍ରମ କଲା, ତାହାକୁ ଦେଖି ହଜୁର ସ.ଅ ସମ୍ମାନ ପୂର୍ବକ ଅବିଳମ୍ବେ ଛିଡ଼ା ହୋଇଗଲେ, ଆପଣଙ୍କୁ ଦେଖି ସାହାବାମାନେ ମଧ୍ୟ ସଙ୍ଗେସଙ୍ଗେ ଛିଡ଼ା ହୋଇଗଲେ ଏବଂ ସେପର୍ଯ୍ୟନ୍ତ ଛିଡ଼ା ରହିଲେ ଯେପର୍ଯ୍ୟନ୍ତ ଜନାଯାଃ ଅତିକ୍ରମ କରିନଗଲା । ହଜରତ ୟଜିଦ୍ କୁହନ୍ତି ଅଲ୍ଲାଃଙ୍କ ରାଣ ମୁଁ କଦାପି ବିଶ୍ୱାସ କରୁ ନାହିଁ ଯେ, ହଜୁର ସ.ଆ ଅପ୍ରଶସ୍ତ ସ୍ଥାନ କିମ୍ବା କୌଣସି ଅସୁବିଧା ଯୋଗୁଁ ଛିଡ଼ା ହୋଇପଡ଼ିଥିଲେ । ମୋର ଜାହା ମନେହେଉଛି କି ତାହା କୌଣସି ୟହୁଦି ପୁରୁଷ ଅବା ମହିଳାଙ୍କର ଜନାଯାଃ ଥିଲା ।

ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ୟଜିଦ୍ ବିନ୍ ସାବିତ୍ ହଜୁର ସ.ଅଙ୍କ ସାଥିରେ (ଭ୍ରମଣରେ) ବାହାରିଲେ କି ଏକ ନୂତନ କବର ଦେଖିବାକୁ ପାଇଲେ, ତାହା ଦେଖି ହଜୁର ସ.ଅ ପ୍ରଶ୍ନ କଲେ ଏହା କାହାର କବର ? ଲୋକମାନେ କହିଲେ କି ତାହା ଅମକ କବିଲାର ଦାସୀଙ୍କ କବର । ହଜୁର ସ.ଅ ତାହାକୁ ଚିହ୍ନି ନେଲେ, ସାହାବା କହିଲେ ସେ ଖରାବେଳେ ଦେହତ୍ୟାଗ କରିଥିଲା, ସେତେବେଳେ ଆପଣ ବିଶ୍ରାମ କରୁଥିଲେ ତେଣୁ ଆମେ ଆପଣଙ୍କୁ କଷ୍ଟ ଦେବାକୁ ପସନ୍ଦ କଲୁ ନାହିଁ । ଏଥିରେ ହଜୁର ସ.ଅ ଛିଡ଼ା ହେଲେ ଏବଂ ନିଜ ପଛରେ ସାହାବାଙ୍କ ସଫ୍ କରେଇଲେ ତା'ପରେ ଆପଣ ଚାରି ଥର ତକବିର୍ କଲେ ଅର୍ଥାତ ଆପଣ କବର ନିକଟରେ ହିଁ ନମାଜ ଜନାଯାଃ ପଢାଇଲେ ଏବଂ **କହିଲେ ଯେପର୍ଯ୍ୟନ୍ତ ମୁଁ ତୁମମାନଙ୍କ ମଧ୍ୟରେ ଜୀବିତ ଅଛି, ତୁମମାନଙ୍କ ମଧ୍ୟରୁ ଯେ କେହି ମୃତ୍ୟୁ ବରଣ କରୁ ନା କାହିଁ, ତାହାର ସୂଚନା ମୋତେ ସୁନିଶ୍ଚିତ ଦେବ କାରଣ ମୋର ଦୁଆ ତାହା ପାଇଁ ଅନୁଗ୍ରହ ପୂର୍ବକ ଅଟେ ।**

ପରବର୍ତୀ ସାହାବୀ ହେଲେ ହଜରତ ମଉୟ୍ ବୁନ୍ ଉମରୋ ବିନ୍ ଜମୁ । ହଜରତ ମଉୟ୍‌ଙ୍କ ସମ୍ପର୍କ ଅନସାର କବିଲାର ଖଜରଜ୍ ସମ୍ପ୍ରଦାୟର ବନୁ ଜଶମ୍ ସହ ଥିଲା । ହଜରତ ମଉୟ୍‌ଙ୍କ ପିତାଙ୍କ ନାମ ଉମରୋ ବିନ୍ ଜମୁ ଏବଂ ତାଙ୍କ ମାତାଙ୍କ ନାମ ହିନ୍ଦ ବିନତ୍ ଉମରୋ ଥିଲା । ହଜରତ ମଉୟ୍ ନିଜର ଦୁଇ ଭାଇ ହଜରତ ମଆଜ୍ ଓ ହଜରତ ଖଲ୍ଲାଦ୍‌ଙ୍କ ସାଥିରେ ବଦର ଯୁଦ୍ଧରେ ସାମିଲ ଥିଲେ, ଏତତ୍ ବ୍ୟତୀତ ସେ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ ଥିଲେ । ହଜରତ ମଉୟ୍ ବିନ୍ ଉମରୋଙ୍କ ପିତା ସେହି ଉମରୋ ବିନ୍ ଜମୁ ଅଟନ୍ତି ଯାହାଙ୍କୁ ତାଙ୍କ ପୁତ୍ରମାନେ ତାଙ୍କ ଲେଙ୍ଗଡ଼ାପଣ ଯୋଗୁଁ ବଦର ଯୁଦ୍ଧରେ ସାମିଲ ହେବାରୁ ନିବୃତ ରଖିଥିଲେ । କିନ୍ତୁ ଯେତେବେଳେ ଓ୍ୱହଦ୍ ଯୁଦ୍ଧର ସମୟ ଆସିଲା ସେତେବେଳେ ହଜରତ ଉନରୋ ବିନ୍ ଜମୁ ନିଜ ପୁତ୍ରମାନଙ୍କୁ କହିଲେ ତୁମେମାନେ ବଦର ଯୁଦ୍ଧରେ ମୋତେ ସାମିଲ ହେବାକୁ ଦେଇ ନଥିଲ କିନ୍ତୁ ବର୍ତମାନ ଆଉ ମୋତେ ରୋକି ପାରିବ ନାହିଁ, ମୁଁ ନିଶ୍ଚିତ ରୂପେ ଯୁଦ୍ଧରେ ସାମିଲ ହେବି । ତାଙ୍କ ପୁତ୍ରମାନେ ବାରମ୍ବାର ଅନୁରୋଧ କଲେ କି ଆପଣଙ୍କ ଗୋଡ଼ ରୁଗ୍ଣ ଅଟେ । ଯୁଦ୍ଧରେ ସାମିଲ ହେବା ଆପଣଙ୍କ ଉପରେ ଅନିବାର୍ଯ୍ୟ ନୁହେଁ କିନ୍ତୁ

ହଜରତ ଉମରୋ ବିନ୍ ଜମୁ ସେମାନଙ୍କ କଥା ଶୁଣିଲେ ନାହିଁ ଏବଂ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋର ପୁତ୍ରମାନେ ମୋର ଗୋଡ଼ର ଯନ୍ତ୍ରଣା ଯୋଗୁଁ ମୋତେ ଯୁଦ୍ଧରେ ସାମିଲ ହେବାକୁ ବାରଣ କରୁଛନ୍ତି । କିନ୍ତୁ ମୁଁ ଆପଣଙ୍କ ସାଥିରେ ଜିହାଦ୍‌ରେ ସାମିଲ ହେବାକୁ ଚାହେଁ । ହଜୁର ସ.ଅ ମଧ୍ୟ ତାହା ହିଁ କହିଲେ କି ଅଲ୍ଲାଃ ତୁମକୁ ଅଗମ୍ୟ କରିଦେଇଛନ୍ତି ସୁତରାଂ ତୁମ ଉପରେ ଜିହାଦ୍ ଅନିବାର୍ଯ୍ୟ ନୁହେଁ । କିନ୍ତୁ ହଜୁର ସ.ଅ ଯୁଦ୍ଧରେ ସାମିଲ ହେବାରେ ତାଙ୍କର ଉତ୍ସାହ ଦେଖି ତାଙ୍କୁ ଅନୁମତି ପ୍ରଦାନ କରିଦେଲେ । ଅତଏବ ହଜରତ ଉମରୋ ବିନ୍ ଜମୁ ନିଜର ଯୁଦ୍ଧ ସରଞ୍ଜାମ ନେଇ ଏହା କହି ବାହାରିଗଲେ କି **ହେ ଅଲ୍ଲାଃ ! ମୋତେ ଶହିଦ୍ ହେବାର ସୁଯୋଗ ପ୍ରଦାନ କର ଏବଂ ବିଫଳ ଓ ହତଭାଗା ପରି ନିଜ ପରିବାରବର୍ଗ ନିକଟକୁ ଫେରସ୍ତ କର ନାହିଁ** । ତାଙ୍କର ଏହି କାମନା ବାସ୍ତବରେ ପୂରଣ ହୋଇଗଲା ଏବଂ ସେ ଓ୍ୱହଦ୍ ପଡ଼ିଆରେ ଶହିଦ୍ ହେଲେ । ହଜୁର ସ.ଅ କହିଲେ ସେହି ସର୍ବଶକ୍ତମାନ ପ୍ରଭୁଙ୍କର ରାଣ ! ଜାହା ଅୟତରେ ମୋର ଜୀବନ ନାଟିକା ରହିଛି ମୁଁ ହଜରତ ଉମରୋଙ୍କୁ ବୈକୁଣ୍ଠରେ ନିଜ ଲେଙ୍ଗଡ଼ା ଗୋଡ଼ରେ ଚଳପ୍ରଚଳ କରୁଥିବାର ଦେଖିଲି ।

ପରିବର୍ତ୍ତୀ ସହାବୀ ହେଲେ ହଜରତ ବିଶର ବିନ୍ ବରା ବିନ୍ ମାରୁର । ହଜରତ ବିଶରଙ୍କ ସମ୍ପର୍କ ଅନସାର କବିଲାର ଖଜରଜ୍ ସମ୍ପ୍ରଦାୟ ବନୁ ଅବିଦ୍ ବିନ୍ ଅଦି ସହ ଥିଲା । ଆଉ ଏକ କଥନ ଅନୁଯାୟୀ ବନୁ ସଲ୍‌ମା ସହ ଥିଲା । ହଜରତ ବିଶରଙ୍କ ପିତାଙ୍କ ନାମ ହଜରତ ବରା ବିନ୍ ମାରୁର ଏବଂ ମାତାଙ୍କ ନାମ ଖଲିଦା ବିନତ୍ କୈସ ଥିଲା । ହଜରତ ବିଶରଙ୍କ ପିତା ହଜରତ ବରା ବିନ୍ ମାରୁର୍ ସେହି ୧ ୨ ଜଣ ନକିବ୍‌ମାନଙ୍କ (ଗୁପ୍ତରେ ଚିହ୍ନ ଲଗାଳି) ମଧ୍ୟରୁ ଜଣେ ଥିଲେ ଏବଂ କବିଲା ବନୁ ସଲ୍‌ମାର ନକିବ୍ ଥିଲେ । ହଜରତ ବିଶର ନିଜ ପିତା ସହ ଦ୍ୱିତୀୟ ବୈଅତେ ଅକବାରେ ସାମିଲ ଥିଲେ ଏବଂ ହଜରତ ବିଶର ବିନ୍ ବରା ହଜୁର ସ.ଅଙ୍କ ପ୍ରବୀଣ ତୀରନ୍ଦାଜ ସାହାବାଙ୍କ ମଧ୍ୟରୁ ଜଣେ ଥିଲେ । ହଜରତ ବିଶର ବଦର, ଓ୍ୱହଦ୍, ଖନ୍ଦକ ଓ ଖୈବର ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ ।

ହଜରତ ଅବଦୁର୍ ରହେମାନ ବିନ୍ ଅବଦୁଲ୍ଲାଃ ବର୍ଣ୍ଣନା କରନ୍ତି କି ହଜୁର ସ.ଅ କହିଲେ- ହେ ବନୁ ସଲ୍‌ମା ତୁମ ସରଦାର କିଏ ? ସେ ଉତର ଦେଲେ ଜଦ୍ ବିନ୍ କୈସ । ଆପଣ କହିଲେ ତୁମେ ତାଙ୍କୁ କେଉଁ କାରଣରୁ ନିଜର ସରଦାର ଚୟନ କରିଛ ? ସେ କହିଲେ ସେ ଆମମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ଧନଶାଳୀ କିନ୍ତୁ ସବୁଠାରୁ ବଡ଼ କୃପଣ ମଧ୍ୟ । ତାହାର ଏହି ଗୁଣ ଆମକୁ ଘୃଣା କରୁ । ହଜୁର ସ.ଅ କହିଲେ କୃପଣ ସ୍ୱଭାବ ତ ଏକ ଭୟଙ୍କର ରୋଗ ଅଟେ । ଏହି ସ୍ୱଭାବ ତାହାର ସରଦାର ପଦରୁ ନିର୍ବାସନ ନିମନ୍ତେ ଯଥେଷ୍ଟ । ସେ ପୁନରାୟ ପ୍ରଶ୍ନ କଲେ ତେବେ ଆପଣ ହିଁ କୁହନ୍ତୁ ଆମ ସରଦାର କିଏ ହେବ ? ହଜୁର ସ.ଅ କହିଲେ ହଜରତ ବିଶର ବିନ୍ ବରା ଅର୍ଥାତ ଯେଉଁ ସାହାବୀଙ୍କ ଚର୍ଚ୍ଚା ଚାଲିଛି, ସେ ତୁମର ସରଦାର ।

ହଜରତ ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି କି ଯହୁଦିମାନଙ୍କ ଦୁଇ ଗୋଷ୍ଠୀ ଅଓ୍ୱସ୍ ଓ ଖଜରଜ୍ ହଜରତ ମୁହମ୍ମଦ ସ.ଅଙ୍କ ଆଗମନ ପୂର୍ବରୁ ତାଙ୍କର ବିଜୟ ପ୍ରାପ୍ତି ନିମନ୍ତେ ଦୁଆ କରୁଥିଲେ ଅର୍ଥାତ ପରସ୍ପର ସହ ତର୍କ କରୁଥିଲେ ଏବଂ ଏହି ପ୍ରାର୍ଥନା କରୁଥିଲେ କି ସେହି ନବୀ ଯାହାର ଆବିର୍ଭାବ ହେବାର ଭବିଷ୍ୟବାଣୀ ଉଲ୍ଲେଖ ରହିଛି ତାହା ନାମରେ ଆମକୁ ବିଜୟ ପ୍ରଦାନ କର । କିନ୍ତୁ ଯେତେବେଳେ ହଜୁର ସ.ଅ ଆରବରେ ଆବିର୍ଭାବ ହେଲେ ସେତେବେଳେ ସେହିମାନେ ହିଁ ଆପଣଙ୍କର ଅସ୍ୱୀକାର କରିଦେଲେ ଏବଂ ନିଜ ତୁଣ୍ଡରୁ ଯେଉଁ କଥା କହୁଥିଲେ ତାହାର ପ୍ରତ୍ୟାଖ୍ୟାନ କଲେ । ହଜରତ ମାଅଜ୍ ବିନ୍ ଜବଲ୍, ହଜରତ ବିଶର୍ ବିନ୍ ବରା ଓ ଦାଉଦ୍ ବିନ୍ ସଲମା ଏକଦା ସେମାନଙ୍କୁ କହିଲେ ହେ ଯହୁଦୀ ଭାଇମାନେ ଅଲ୍ଲାଃତାଲାଙ୍କୁ ଭୟ କର ଏବଂ ଇସଲାମ ଧର୍ମ ଗ୍ରହଣ କରିନିଅ, ପୂର୍ବେ ତ ତୁମେମାନେ ହିଁ ଆମକୁ ମୁହମ୍ମଦ ନାମକ ନବୀ ଆବିର୍ଭାବ ହେବାର ସୁସମ୍ବାଦ ଦେଇ ତାଙ୍କ ମାଧରେ ନିଜର ବିଜୟ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରୁଥିଲ । ବର୍ତମାନ ତାଙ୍କର ଆଗମନ ପରେ ତୁମେ କାହିଁକି ତାଙ୍କର ଅସ୍ୱୀକାର କରୁଅଛ । ଏଥିରେ ସଲାମ ବିନ୍ ମୁଶକମ୍ ଯହୁଦି ଯେ ବନୁ ନଜିର କବିଲାର ସରଦାର ଏବଂ ସେମାନଙ୍କ (ଅର୍ଥ) ଭଣ୍ଡାରର ତତ୍ୱାବଧାରକ ଥିଲେ । ତାଙ୍କ ପତ୍ନୀ ଜୈନବ୍ ବିନତ୍ ହାରସ୍‌ଙ୍କ ବଂଶଧର ଥିଲେ । ଯେ ହଜୁର ସ.ଅଙ୍କୁ ଖୈବର ଯୁଦ୍ଧ ସମୟରେ ମାଂସ ତରକାରିରେ ବିଷ ମିସାଇ ଦେଇଥିଲା, ଉତର ଦେଲା କି ସେ ଆମ ନିକଟକୁ ତାହା ନେଇ ଆସି ନାହାନ୍ତି ଯାହା ଆମେ ଚିହ୍ନିଛୁ ଏବଂ ନା ସେ ସେହି ନବୀ ଜାହାଙ୍କ ଚର୍ଚ୍ଚା ଆମେ ତୁମମାନଙ୍କ ଗହଣରେ କରୁଥିଲୁ ।

ହଜରତ କାଅବ ବିନ୍ ଉମରୋ ଅନସାରୀ ବର୍ଣ୍ଣନା କଲେ କି ଓ୍ୱହଦ୍ ଯୁଦ୍ଧ ସମୟରେ ଦିନେ ମୁଁ ନିଜ ଗୋଷ୍ଠୀର ୧୪ଜଣ ସାଥିଙ୍କ ସହ ହଜୁର ସ.ଅଙ୍କ ନିକଟରେ ଥିଲି । ସେତେବେଳେ ଆମେ ନିଘୋଟ ନିଦରରେ ଥିଲୁ ଅର୍ଥାତ ତାହା ନିଶ୍ଚିନ୍ତ ଏବଂ ନିରାପଦର ସମୟ ଥିଲା । ଯୁଦ୍ଧ ଭୂମିରେ ଥିଲୁ କିନ୍ତୁ ତାହା ଏଭଳି ପରସ୍ଥିତି ଥିଲା କି ଆମେ ସମ୍ପୂର୍ଣ୍ଣ ରୂପେ ନିର୍ଭୟରେ ଥିଲୁ । ଏଭଳି କୌଣସି ବ୍ୟକ୍ତି ନଥିଲା ଯାହା ଛାତିରୁ ଘୁଙ୍ଘୁଡ଼ି ମାରିବାର ଶ୍ୱର ଶୁଭୁ ନଥିଲା । ଜମାଅତ ଅହମଦିଆର ଚତୁର୍ଥ ଖଲିଫା ଏହାର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି **ଅମନତନ୍ ନୁଆସନ୍**ର ବିଭିନ୍ନ ଅର୍ଥ ମଧ୍ୟରୁ ତାହାର ସାରମର୍ମ ଏହା ପ୍ରକାଶ ପାଉଅଛି କି (ଅଲ୍ଲାଃ) ଦୁଃଖ ପରେ ତୁମମାନଙ୍କ ଉପରେ ଏଭଳି ସନ୍ତୋଷର ଚଦର ଘୋଡ଼େଇ ଦେଇଛନ୍ତି ଯାହାକୁ ନିଦ୍ରା କୁହାଯାଇ ପାରିବ ଅବା ଏଭଳି ତନ୍ଦ୍ରାବସ୍ଥା ଯାହାକି ଶାନ୍ତି ପ୍ରଦାନକାରୀ ଅଟେ । ଅବା ସେ ଏପରି ଶାନ୍ତି ଓ ପ୍ରଫୁଲ୍ଲତା ପ୍ରଦାନ କଲେ ଯେପରି ନିଦ୍ରାରେ ତୃପ୍ତି ମିଳିଥାଏ ଅବା ନିଦ୍ରାର ଅନ୍ତର୍ଭୁକ୍ତ । **ଅତଃ ଅଲ୍ଲାଃ କୁହନ୍ତି ଆମେ ତୁମକୁ ଏଭଳି ଶାନ୍ତି ପ୍ରଦାନ କଲୁ ଯାହାକି ନିଦ୍ରାର ଅନୁରୂପ । କିନ୍ତୁ ନିଦ୍ରା ପରି ନୁହେଁ ଯାହାକି ତୁମମାନଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ନିଜ ଅଧିନସ୍ତ କରିନେଇଥାଏ । ତାହା ତୁମକୁ ଆନନ୍ଦ ଓ ପ୍ରଫୁଲ୍ଲିତ ତ କରୁଥିଲା କିନ୍ତୁ ତୁମକୁ ଅକ୍ରମଣ୍ୟ କରିଦେଇ ନଥିଲା ।**

ଚତୁର୍ଥ ଖଲିଫା ଉଲ୍ଲେଖ କରିଛନ୍ତି ସମସ୍ତ ମୁଜାହିଦ୍ (ଧର୍ମଯୋଧା) ଯେ ହଜୁର ସ.ଅଙ୍କ ସାଥିରେ ଥିଲେ ସେସମସ୍ତଙ୍କ ଉପରେ ହଠାତ୍ ଯେପରି ଆକାଶ ମାର୍ଗରୁ କୌଣସି ବସ୍ତୁ ଅବତୀର୍ଣ୍ଣ ହୋଇ ସେମାନଙ୍କ ଢାଙ୍କି ନେଲା । ସେ ଜାହା ହେଉ ସମ୍ପୂର୍ଣ୍ଣ ସେନା ବାହିନୀ ଏକ ଏପରି ନିଦ୍ରାର ଅପୂର୍ବ ଆନନ୍ଦ ଉପଭୋଗ କରିଥିଲେ, ଯେତେବେଳେ କି ଘମାସାନ ଲଢେଇ ଚାଲିଥିଲା ଏବଂ ଶତ୍ରୁ ପକ୍ଷରୁ (ଆକ୍ରମଣ)ର ଯଥାସମ୍ଭବ ଆଶଙ୍କା ରହିଥିଲା । ଏହା ଏକ ମର୍ଯ୍ୟାଦା ଏବଂ ଏକ ନିଦର୍ଶନ ଥିଲା, ନା କୌଣସି ସଂଯୋଗ ଏବଂ ଏହି ନିଦର୍ଶନ ଅଲ୍ଲାଃତାଲାଙ୍କ ନିକଟରୁ ଏକ ବିଶେଷ ଶାନ୍ତି ପ୍ରଦାନକାରୀ ଅବସ୍ଥା ଥିଲା ଯାହାକି ସେମାନଙ୍କୁ ପ୍ରଦାନ କରାଯାଇଥିଲା ।

ହଜୁର ଅନଓ୍ୱର ଅ.ବ କହିଲେ ହଜରତ ବିଶର ଖୈବର ଯୁଦ୍ଧ ସମୟରେ ହଜୁର ସ.ଅଙ୍କ ସହ ସେହି ବିଷ ମିଶ୍ରିତ ମାଂସ ବ୍ୟଞ୍ଜନ ସେବନ କରିଥିଲେ, ଯାହାକି ଜଣେ ୟହୁଦି ମହିଳା ହଜୁର ସ.ଅଙ୍କୁ ଉପହାର ସ୍ୱରୂପ ଦେଇଥିଲା । ହଜରତ ବିଶର ତାହା ସେବନ କରିବା ପରେ ସେହିସ୍ଥଳିରୁ ଉଠିନଥିଲେ କି ତାଙ୍କ ଶରୀରର ରଙ୍ଗ ବଦଳି ତଲସାନ (ଏକ ବସ୍ତ୍ର) ପରି କଳା ହୋଇଗଲା ଏବଂ ସେହି ପିଡ଼ା ଦିଘ୍ର ଏକ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା, ଯଦ୍ୱାରା (ବିଶ୍ରାମ କଲାବେଳେ ମଧ୍ୟ) ସେ ବିନା ସାହାରାରେ କର ବଦଳାଇ ପାରୁନଥିଲେ । ଏହି ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିଲା । ଏପରି ମଧ୍ୟ ଦରଜ ରହିଛି କି ସେ ବିଷ ମିଶ୍ରିତ ଖାଦ୍ୟ ସେବାନ କରିବା ସ୍ଥାନରୁ ଉଠି ନଥିଲେ ଯେ, କିଛି କ୍ଷଣରେ ହିଁ ତାଙ୍କର ଦେହାନ୍ତ ଘଟିଥିଲା । ହଜରତ ବିଶର ବିନ୍ ବରାଙ୍କ ମୃତ୍ୟୁରେ ତାଙ୍କ ମାତାଙ୍କୁ ପ୍ରବଳ ଆଘାତ ଲାଗିଥିଲା । ସେ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ବିଶରଙ୍କ ହତ୍ୟା ବନୁ ସଲମାକୁ ଧ୍ୱଂସ କରିଦେବ । କ'ଣ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ପରସ୍ପରକୁ ଚିହ୍ନନ୍ତି, କ'ଣ ବିଶରଙ୍କୁ ସଲାମ୍ ପହଂଚା ଯାଇପାରିବ । ହଜୁର ସ.ଅ ଉତର ଦେଲେ ହଁ ହେ ବିଶରଙ୍କ ମାତା ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ରାଣ ଜାହା ଅଧିନରେ ମୋର ଜୀବନ ନାଟିକା ରହିଛି ଯେପରି ପକ୍ଷୀମାନେ ଗଛରେ ବସି ପରସ୍ପରକୁ ଚିହ୍ନି ନେଇଥାନ୍ତି । ସେହିପରି ବୈକୁଣ୍ଠାବସୀ ମଧ୍ୟ ପରସ୍ପରକୁ ଚିହ୍ନି ନେବେ । ଆଉ ଏକ ବର୍ଣ୍ଣନାରେ ଏପରି ଦରଜ ରହିଛି କି ବନୁ ସଲ୍ମା କବିଲାର କୌଣସି ବ୍ୟକ୍ତିର ବିଦାୟ ନେବା ସମୟ ଆସିଲେ ବିଶରଙ୍କ ମାତା ଯାଇ ତାଙ୍କୁ କୁହନ୍ତି ଯେ, ତୁମ ଉପରେ ଅଲ୍ଲାଃଙ୍କ ଶାନ୍ତି ଅବତୀର୍ଣ୍ଣ ହେଉ ଏବଂ (ବୈକୁଣ୍ଠରେ) ମୋର ପୁତ୍ର ବିଶରଙ୍କୁ ମୋର ସଲାମ୍ ପହଂଚାଇଦେବ ।

ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ବିଶର ରୋଗଶର୍ଯ୍ୟାରେ ପଡ଼ିଥିବା ସମୟରେ ଆପଣଙ୍କ ଭଉଣୀ ଆପଣଙ୍କ ନିକଟକୁ ଆସିଲେ, ସେତେବେଳେ ହଜୁର ସ.ଅ ତାଙ୍କୁ କହିଲେ ଖୈବର ଯୁଦ୍ଧରେ ମୁଁ ତୁମ ଭାଇଙ୍କ ସାଥିରେ ଯେଉଁ ବିଷ ମିଶ୍ରିତ ମାଂସ ସେବନ କରିଥିଲି ତାହାର ପ୍ରଭାବରେ ମୁଁ ନିଜ ଶିରାକୁ କଟିଗଲା ପରି ପିଡ଼ା ଭୋଗ କରୁଅଛି ।

କେତେକ ଶତ୍ରୁ ଏହି ଆପତି ମଧ୍ୟ କରିଥାନ୍ତି କି ହଜୁର ସ.ଅ ଦେହାନ୍ତ ମଧ୍ୟ ସେହି ବିଷର ପ୍ରଭାବରେ ଘଟିଥିଲା । ଇତିହାସ ଓ ଜୀବନୀର କେତେକ ପୁସ୍ତକ ମଧ୍ୟ ଏହି ବିଷୟରେ ତର୍କ କରିଛନ୍ତି ଏବଂ କେତେକ ଜୀବନୀ ଲେଖାଳି ଏହି

କାରଣରୁ ହଜୁର ସ.ଅଙ୍କୁ ଶହିଦ୍ ହେବାର ମର୍ଯ୍ୟାଦା ପ୍ରଦାନ କରିବା ନିମନ୍ତେ ଉକ୍ତ ବର୍ଣ୍ଣନାଗୁଡ଼ିକୁ ସ୍ୱୀକାର କରିନେଇଥାନ୍ତି । ବାସ୍ତବରେ ଏହା ସତ୍ୟ ନୁହେଁ । ଏଥିସମ୍ବନ୍ଧରେ ଆମ ନିରୀକ୍ଷକ ବିଭାଗ ମଧ୍ୟ ମୋତେ ଏକ ନୋଟ୍ ପ୍ରେରଣ କରିଥିଲେ କି ଇତିହାସ ଅବା ଜୀବନୀର ପୁସ୍ତକ ହେଉ ଅବା ହଦିସ୍‌ର ପୁସ୍ତକ, ଗୋଟିଏ କଥା ସ୍ୱୀକାର ଯୋଗ୍ୟ ଯେ ହଜୁର ସ.ଅଙ୍କ ଦେହାନ୍ତ କଦାପି ସେହି ବିଷର ପ୍ରଭାବରେ ଘଟି ନଥିଲା । ଯେ କେହି ଏପରି କଥା କହୁଛନ୍ତି ପ୍ରଥମତଃ ତାହାର ଉକ୍ତ ସମସ୍ତ ବ୍ୟାଖ୍ୟା ସମ୍ବନ୍ଧରେ ଧାରଣ ନାହିଁ ଅବା ସେ ଭ୍ରାନ୍ତ ଧାରଣାର ବଶିଭୂତ ହୋଇଛନ୍ତି । ମନେରହୁ ଯେ ବିଷ ଦେବା ଘଟଣା ଖୈବର ଯୁଦ୍ଧ ସମୟର ଏବଂ ଉକ୍ତ ଘଟଣାର ଚାରି ବର୍ଷ ପର୍ଯ୍ୟନ୍ତ ହଜୁର ସ.ଅ ଏକ ପୂର୍ଣ୍ଣ ଓ ପୂର୍ବ ପରି ସମାନ୍ୟ ଜୀବନ ଅତିବାହିତ କରିଥିଲେ ଏବଂ ଯେପରି ପୂର୍ବରୁ ଯୁଦ୍ଧରେ ସାମିଲ ହେଉଥିଲେ ପରବର୍ତୀ ସମୟରେ ମଧ୍ୟ ସାମିଲ ହୋଇଥିଲେ ତଥା ଆପଣଙ୍କ ଉପାସନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ତିଳେ ମାତ୍ର ଫରକ୍ ପଡ଼ି ନଥିଲା । ପାଖାପାଖି ଚାରି ବର୍ଷ ପରେ ଜ୍ୱର ଓ ମୁଣ୍ଡ ବ୍ୟଥା ହେବା ଏବଂ ସେଥିଅନ୍ତେ ଦେହ ତ୍ୟାଗ କରିବା, ଏହାକୁ କୌଣସି ବୁଦ୍ଧିମାନ ବ୍ୟକ୍ତି କହିବ ନାହିଁ ଯେ ଦେହାନ୍ତର କାରଣ ଉକ୍ତ ବିଷାକ୍ତ ଖାଦ୍ୟ ସେବନ କରିବା ଅଟେ । ଯାହାକି ଚାରି ବର୍ଷ ପରେ ନିଜର ପ୍ରଭାବ ପକାଇଲା । ଏଥିସମ୍ବନ୍ଧରେ ଯେଉଁ ହଦିସ୍ ରହିଛି ସେଥିରେ (ହଜୁର ସ.ଅଙ୍କୁ) କେବଳ ଏକ ସାମନ୍ୟ ଯନ୍ତ୍ରଣା ହେବାର ଚର୍ଚ୍ଚା ରହିଛି । ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଯେ କେତେକ ସମୟରେ କିଛି ଶାରୀରିକ ଯନ୍ତ୍ରଣା ଓ ଆଘାତ ବିଶେଷ ସମୟରେ କୌଣସି କାରଣ ବଶତଃ ପ୍ରକାଶ ପାଇଥାଏ । ଖୈବର ଯୁଦ୍ଧ ସମୟରେ ହଜୁର ସ.ଅ ଯେଉଁ ବିଷାକ୍ତ ଖାଦ୍ୟ ସେବନ କରିଥିଲେ, ସେଥିସମ୍ବନ୍ଧରେ ଏହା ମଧ୍ୟ ବର୍ଣ୍ଣନା ମିଳୁଅଛି କି ହଜୁର ତାହାକୁ ନିଜ ପାଟିରେ ରଖି ବାହର କରି ଦେଇଥିଲେ କିନ୍ତୁ ଯଦି ତାହା ସମ୍ପୂର୍ଣ୍ଣ ରୂପେ ସେବନ କରିବାର ଉକ୍ତି ମଧ୍ୟ ଗ୍ରହଣ କରିନିଆଯାଏ ତେବେ ସୁଧା ଆପଣଙ୍କ ଉକ୍ତ ଘଟଣା ପରେ ୪ବର୍ଷ ଜୀବିତ ରହିବା ପ୍ରମାଣିତ କରୁଅଛି ଯେ ଦେହାନ୍ତର କାରଣ କଦାପି ଉକ୍ତ ବିଷାକ୍ତ ଖାଦ୍ୟ ନୁହେଁ । ହଦିସ୍‌ରେ ଉକ୍ତ ଘଟଣା ପୂର୍ଣ୍ଣ ରୂପେ ବ୍ୟାଖ୍ୟା କରାଯାଇଛି, ସେଥିରେ ଏହା ମଧ୍ୟ ଦରଜ ରହିଛି କି ତାହା ପାଟିରେ ରଖିବା ମାତ୍ରେ ହଜୁର ସ.ଅକୁ ଜ୍ଞାତ ହୋଇଯାଇଥିଲା ଯେ ଏଥିରେ ବିଷ ମିଶ୍ରଣ କରାଯାଇଛି । ଅତଏବ ଆପଣ ନିଜ ସହାବାମାନଙ୍କୁ ତାହା ସେବାନ କରିବାକୁ ରୋକି ଦେଇଥିଲେ । ତା'ପରେ ବିଷ ମିଶାଇଥିବା ମହିଳାଙ୍କୁ ଡ଼କାଇ ପଚାରିବାରୁ ସେ କହିଲା ଯେ, **ମୁଁ ଏଥିପାଇଁ ବିଷ ମିଶାଇ ଥିଲି କି ଯଦି ଆପଣ ଈଶ୍ୱରଙ୍କ ନିକଟରୁ ସଚ୍ଚୋଟ ନବୀ ହୋଇଥିବେ ତେବେ ଆପଣ ବର୍ତୀ ଯିବେ ନଚେତ୍ ଆମକୁ ଆପଣଙ୍କ କବଳରୁ ମୁକ୍ତି ମିଳିଯିବ** । ୟହୁଦି ତ ଆପଣଙ୍କ ଠାରୁ ରକ୍ଷା ପାଇବାର ମୁକ୍ତ ସ୍ୱରରେ ଘୋଷଣା କରୁଥିଲେ ଏବଂ ଉକ୍ତ ମହିଳାର କହିବା ଥିଲା କି ଏଭଳି ଭୟଙ୍କର ବିଷର ପ୍ରଭାବରୁ ଆପଣ କିଭଳି ବର୍ତୀଗଲେ । କିନ୍ତୁ ହଜୁର ସ.ଅ ତାଙ୍କୁ କ୍ଷମା ଦେଇଥିଲେ ବରଂ ବର୍ଣ୍ଣନା ମିଳୁଅଛି ଯେ ଉକ୍ତ ମହିଳା ଜଣକ ଇସଲାମ ଧର୍ମ ସ୍ୱୀକାର କରିନେଇଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ ବର୍ତମାନ ମୁଁ ଦୁଇ ଜଣ ମୃତକଙ୍କ ଚର୍ଚ୍ଚା କରିବାକୁ ଯାଉଅଛି ଯାହାଙ୍କ ଜନାଯାଃ ଗାଏବ ନମାଜ ଜୁମା ପରେ ପାଠ କାଇବି **ଇନ୍ନଶା ଅଲ୍ଲାଃ** । ପ୍ରଥମ ଶ୍ରୀମାନ ନସିର ଅହମଦ ସାହେବ ପିତା ଶ୍ରୀମାନ ଅଲୀ ମୁହମ୍ମଦ ସାହେବ ରାଜନପୁର ନିବାସୀଙ୍କର ଅଟେ । ଚଳିତ ମାସ ୨୧ତାରିଖ ଦିନ ୬୩ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** । ଦ୍ୱିତୀୟ ଜନାଯାଃ ଶ୍ରୀମାନ ଅତାଉଲ୍ କରିମ ମୁବଶିର ସାହେବ ପିତା ଶ୍ରୀମାନ ମିଆଁ ଅଲ୍ଲାଃ ଦତା ସାହେବ ଗିରତୋ ଜିଲା ଶେଖୁପୁରାଙ୍କର ଅଟେ କିନ୍ତୁ ବର୍ତମାନ ସେ କାନେଡ଼ାରେ ରହୁଥିଲେ ୧୩ ନଭେମ୍ବରରେ ୭୫ବର୍ଷରେ ତାଙ୍କର ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** ।

ହଜୁର ଅନଓ୍ୱର ଅ.ବ ଉକ୍ତ ମୃତକଙ୍କର ମୋକ୍ଷ ପ୍ରାପ୍ତି, ବୈକୁଣ୍ଠରେ ସ୍ତର ବୃଦ୍ଧି ତଥା ସେମାନଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ତାଙ୍କ ପୁଣ୍ୟକର୍ମଗୁଡ଼ିକୁ ଅବ୍ୟାହତ ରଖିବା ନିମନ୍ତେ ପ୍ରାର୍ଥନା କଲେ ।

Khulasa Khutba Juma Huzoor Anwar a.b.a

29th November 2019